# Akashvani, Sambalpur

## SAMBALPURI NEWS EVENING BULLETIN

**7 December 2025- 7.02 pm- 7.12 pm.**

**************************************************

୧- ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ଆଏବା କାଏଲ୍ ଲୋକ୍‌ସଭା ନ ଖାସ୍ ଆଲୋଚନା ମୁଲ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- କେନ୍ଦୁଝର୍ ଜିଲ୍ଲାକେ ରାଜ୍ୟର୍ ୩ ନମ୍ବର୍ ଇସ୍ପାତ୍ ନଗରୀ କର୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ - କହେଲେ ମୁଖ୍ୟମନ୍ତ୍ରୀ ।

- ଘଟଗାଁ ମା ତାରିଣୀ ପୀଠ ସମନ୍ୱିତ ବିକାଶ୍ ଲାଗି ୩ ଶହ ୧୨ କୋଟିନୁ ଅଏତ୍‌କା ଟଙ୍କାର୍ ପ୍ରକଳ୍ପର୍ କଲେ ଭିତିପ୍ରସ୍ତର୍ ଥାପ୍‌ନା ।

୩- ଦେଶ୍ ମାଟିର୍ ସୁରକ୍ଷା ଲାଗି ପ୍ରତିରକ୍ଷା କର୍ମଚାରୀମାନ୍‌କର୍ ପ୍ରତିବଦ୍ଧତାକେ ସମ୍ମାନ୍ ଜନେଇକରି ଆଏଜ୍ ପାଲନ୍ କରାଯାଉଛେ ସଶସ୍ତ୍ର ବାହିନୀ ପତାକା ଦିବସ୍ ।

ଆଉର୍

୪- କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଆଏବା ମଙ୍ଗଲ୍ବାର୍ ଦିନ ହେବା ଭାରତ୍-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଂଟି କ୍ରିକେଟ୍ ଶୃଙ୍ଖଳାର୍ ପହେଲା ମେଚ୍ ।

- ପୁଲିସ୍ ପ୍ରଶାସନ୍ ତର୍ଫୁ କଡ଼ାକଡ଼ି କରାଯାଇଛେ ସୁରକ୍ଷା ବ୍ୟବସ୍ଥା ।

ବନ୍ଦେ ମାତରମ୍-୧୫୦ ତମ ବାର୍ଷିକୀ ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକ୍ସଭା ନ ଜାତୀୟ ଗୀତ୍ ବନ୍ଦେ ମାତରମ୍ର ଶହେ ୫୦ ବଛର୍ ପୂର୍ତି ଅବ୍ସରେ ଗୁଟେ ଖାସ୍ ଆଲୋଚନା ମୁଲ୍ କର୍ବେ । ୧୦ ଘଂଟାତକ୍ ହେବାର୍କେ ଥିବା ଇ ଆଲୋଚନାଚକ୍ରଥି ଭାରତୀୟ ଜନତା ଦଲ୍କେ ଲୋକ୍ସଭା ନ ୩ ଘଂଟା ସମିଆ ଦିଆଯାଇଛେ । ରାଜ୍ୟସଭା ନ ଆଏବା ମଙ୍ଗଲ୍ବାର୍ ଦିନ ଜାତୀୟ ଗୀତ ବନ୍ଦେମାତରମ୍ର ଶହେ ୫୦ ବଛର୍ ପୂର୍ତି ଆଲୋଚନାଚକ୍ର କରାଯିବା । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ଆଘୋନୁ ଗଣମାଧ୍ୟମ୍କେ ଇ ବାବ୍ଦେ ସୂଚ୍ନା ଦେଇକରି କହିଥିଲେ । ଆଏବା କାଏଲ୍ ମଏଧାନ୍ର ୧୨ ବଜେ ଆଲୋଚନା ମୁଲ୍ ହେବା । ଲୋକ୍ସଭା ବାଚସ୍ପତି ଓମ୍ ବିର୍ଲାଙ୍କର ଅଧ୍ୟକ୍ଷତାଥି ହେଇଥିବା ସର୍ବଦଲୀୟ ବୈଠକ୍ଥି ଇ ନିଷ୍ପତି ନିଆଯାଇଥିଲା ।

ମୁଖ୍ୟମନ୍ତ୍ରୀ-ଘଟଗାଁ I&PR

କେନ୍ଦୁଝର୍ ଜିଲ୍ଲା ନ ମେଗା ଇସ୍ପାତ୍ କାର୍ଖାନା ଥାପ୍ନା କରାଯାଇକରି ରାଜ୍ୟର୍ ୩ ନମ୍ବର୍ ଇସ୍ପାତ୍ ନଗରୀ କର୍ବାର୍କେ ସର୍କାର୍ ଲକ୍ଷ୍ୟ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଦିନ୍କିଆ କେନ୍ଦୁଝର୍ ଗସ୍ତଥି ଯାଇକରି ମୁଖ୍ୟମନ୍ତ୍ରୀ ଘଟଗାଁର୍ ମା ତାରିଣୀ ପୀଠର୍ ସମନ୍ୱିତ ବିକାଶ୍ ପ୍ରକଳ୍ପ ଲାଗି ୩ ଶହ ୧୨ କୋଟିନୁ ଅଏତ୍କା ଟଙ୍କାର୍ ଭିତିପ୍ରସ୍ତର୍ ଥାପ୍ନା କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍, କେନ୍ଦୁଝର୍, ବଡ଼ବିଲ୍ ଆଉ ଜୋଡ଼ା ଇଲାକାକେ ନେଇକରି ଅର୍ଥନୈତିକ୍ କରିଡ଼ର୍ ଗଠନ୍ କରାଯାଇଛେ । ବଡ଼ବିଲ୍ ସହର୍ ନ ୨ ହଜାର୍ ୩ ଶହ କୋଟି ଟଙ୍କାର୍ ଖର୍ଚ୍ଚାଥି ରିଂରୋଡ୍ ତିଆରି ପ୍ରକଳ୍ପକେ କେନ୍ଦ୍ରୀୟ ସ୍ୱୀକୃତି ଲାଗି ପଠାଯାଇଛେ । ଇତାର୍ସହେତେ ମୁଖ୍ୟମନ୍ତ୍ରୀ ଆଏଜ୍ କେନ୍ଦୁଝର୍ ନ ଟେକ୍ ପାର୍କ, ଡାଟା ସେଂଟର୍, ଟେକ୍ସଟାଇଲ୍ ପାର୍କ ଷ୍ଟାଡ଼ିୟମ୍ ବାଗିର୍ ଭିନ୍ ଭିନ୍ ପ୍ରକଳ୍ପ ଘୋଷ୍ନା କରିଛନ୍ । ଜିଲ୍ଲାର୍ ଅର୍ଥନୈତିକ୍ ପ୍ରଗତି ସହେତେ ସବୁ ରାସ୍ତାକେ ୬ ଥାକିଆ ଆଉ କେନ୍ଦୁଝର୍-ବଡ଼ବିଲ୍ ରାସ୍ତାକେ ୮ ଥାକିଆ କରାଯିବା ବଲି ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଯାତ୍ରୀମାନ୍କର୍ ସୁବିଧାର୍ ଲାଗି ପାର୍କିଂ ବ୍ୟବସ୍ଥା, ଅଠିପହର୍ ଜଲ୍ଯୋଗାଣ୍, ବିଦ୍ୟୁତ୍ ଆଉ

ଆଲୋକିକରଣ୍ ବାଗିର୍ ଭିନ୍ ଭିନ୍ ବିକାଶ୍ କାମ୍‌ର ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇତାର୍‌ଛଡ଼ା ଇ ପ୍ରକଳ୍ପଥି ୨ ଶହ ୧୬ ଶଯ୍ୟାର୍ ଯାତ୍ରୀନିବାସ୍, ୫ ଶହ ଲୁକ୍‌କର୍ ଲାଗି ପ୍ରସାଦ୍ ସେବନ୍ ବ୍ୟବସ୍ଥା, ନଡ଼ିଆ କେନ୍ଦ୍ର, ବ୍ୟାଖ୍ୟାନ୍ କେନ୍ଦ୍ର, ୱ୍ୱାଚ୍ ଟାୱ୍ୱାର୍ ତିଆର୍ କରାଯିବା । କାର୍ଯ୍ୟକ୍ରମ୍‌ଥି ଆଇନ୍ ଆଉ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ସାଂସଦ୍ ଅନନ୍ଦ ନାୟକ୍, ବିଜେପି ରାଜ୍ୟ ସଭାପତି, ମନ୍‌ମୋହନ୍ ସାମଲ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ        ପୁରୀ ସମ୍ବାଦଦାତା

ପୁରୀ ନ ଚାଲିଥିବା ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ ର ୨ ନମ୍ବର୍ ଦିନେ ଆଏଜ୍ ସହଭାଗିତା ବିଷୟବସ୍ତୁ ଉପ୍‌ରେ ଗୁଟେ ଅଧିବେଶନ୍ ହେଇଯାଇଛେ । ଶକ୍ତି ପରିବର୍ତନ୍‌ଥି ସ୍ଥାୟୀତ୍ୱ ସନ୍ତୁଲନ୍ ଆଉ ଉଦ୍ଭାବନ୍ ଉପ୍‌ରେ ଅଧିବେଶନ୍‌ଥି ଆଲୋଚନା କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ସ୍ଥାୟୀ ଶକ୍ତି ପରିବର୍ତନ୍‌ଥି ସର୍‌କାରୀ ଆଉ ବେସର୍‌କାରୀ ସଂସ୍ଥାର୍ ସହଭାଗିତା ଉପ୍‌ରେ ଜୋର୍ ଦେଇଥିଲେ । ସ୍ଥାୟୀ, ଅଣଜୀବାସ୍ମ ଆଧାରିତ୍ ଶକ୍ତି ଭବିଷ୍ୟତ୍ ହାସଲ୍ କର୍‌ବା ଆଉ ବଂଟନ୍ ବ୍ୟବସ୍ଥାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସର୍‌କାରୀ ଆଉ ବେସର୍‌କାରୀ ନିବେଶ୍ ଆଉ ଶକ୍ତି

ଭିତିଭୂମି ଲାଗି ଗୁଟେ ସନ୍ତୁଳିତ୍ ଆଭିମୁଖ୍ୟ ବହୁତ୍ ଜରୁରୀ ଆଏ ବଲି ଅଧିବେଶନ୍‌ଥି ମତ ପ୍ରକାଶ୍ ପାଇଥିଲା । ଶକ୍ତି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ବିଶାଲ୍ କୁମାର୍ ଦେବ୍ ଯୋଗ୍ ଦେଇକରି ଓଡ଼ିଶାର୍ ବିଦ୍ୟୁତ୍ ବଂଟନ୍ ବ୍ୟବସ୍ଥା, ପ୍ରଭାବ୍‌ଶାଳୀ ଶକ୍ତି ପରିଚାଲନା ବାବ୍‌ଦେ କହିଥିଲେ ।

ଉମିଦ୍ ପୋର୍ଟାଲ୍ ଏନ୍‌ଏସ୍‌ଡି

ସଂଯୁକ୍ତ ୱାକ୍‌ଅଫ୍ ପରିଚାଲନା ସଶକ୍ତିକରଣ୍, ଦକ୍ଷତା ଆଉ ବିକାଶ୍ ଆଇନ୍-୧୯୯୫ ଉମିଦ୍ ପୋର୍ଟାଲ୍‌ଥି ୱାକ୍‌ଅଫ୍ ସମ୍ପତି ବାବଦ୍ ତଥ୍ୟ ଅପ୍‌ଲୋଡ୍ କର୍‌ବାର୍ ପ୍ରକ୍ରିୟା ଗଲାକାଏଲ୍ ଆନୁଷ୍ଠାନିକ୍ ଭାବେ ବନ୍ଦ୍ ହେଇଛେ । ସଂଖ୍ୟାଲଘୁ ବ୍ୟାପାର୍ ମନ୍ତ୍ରଣାଳୟ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛେ, ଉମିଦ୍ ଆଇନ୍ ଆଉ ସୁପ୍ରିମ୍‌କୋର୍ଟଙ୍କର୍ ନିର୍ଦ୍ଦେଶ୍ ଆଧାର୍‌ଥି ପୋର୍ଟାଲ୍‌ର ୬ ମାସ୍ ସମିଆ ଶେଷ୍ ହେଇଛେ ।

ସଶସ୍ତ୍ର ବାହିନୀ ପତାକା ଦିବସ ଆର୍‌ଏନ୍‌ୟୁ/
ସମ୍ବଲପୁର/ଏକ୍ସ

ମା ମାଟିର୍ ସେବା ସଙ୍ଗେ ଦେଶର୍ ସୁରକ୍ଷାର୍ ଲାଗି ଜୀବନ୍ ଦଉଥିବା ସଶସ୍ତ୍ର ବାହିନୀର୍ ଜବାନ୍ ଆର୍ ଅବସର ନେଇଥିବା ଜବାନ୍‌ମାନ୍‌କୁ କୃତଜ୍ଞତା ଜନାବାର୍ ଲାଗି ୧୯୪୯ ମସିହାନୁ ଆଝିର୍ ଦିନ୍‌କେ ଦେଶେ ସଶସ୍ତ୍ର ବାହିନୀ ପତାକା ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ । ଇ ଦିବସ୍ ଅବ୍‌ସରେ ସଶସ୍ତ୍ର ପତାକା ଦିବସ୍ ପାଣ୍ଠିକେ ସାହାଜ୍ କର୍‌ବାର୍ ଜରିଏ ଦେଶ୍‌ବାସୀ କୃତଜ୍ଞତା ଜ୍ଞାପନ୍ କର୍‌ସନ୍ । କେନ୍ଦ୍ରୀୟ ସୈନିକ୍ ବୋର୍ଡ଼ ଆଉ ରାଜ୍ୟ ସୈନିକ୍ ବୋର୍ଡ଼ ଦ୍ୱାରା ସେନାବାହିନୀର୍ କର୍ମଚାରୀଙ୍କର୍ ଲାଗି କରାଯାଉଥିବା କଲ୍ୟାଣ୍‌କାରୀ କାର୍ଯ୍ୟକ୍ରମ୍ ଲାଗି ଇ ପାଣ୍ଠିକେ ବିନିଯୋଗ୍ କରାଯାଏସି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ସଶସ୍ତ୍ର ପତାକା ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍ । ସଶସ୍ତ୍ର ବାହିନୀ ପାଣ୍ଠିକେ ସ୍ୱେଚ୍ଛାକୃତ ଭାବେ ଦାନ୍ କରିକରି ଦେଶର୍ ବୀର ସୈନିକ୍ ଶହୀଦ୍ ଆଉ ସେମାନ୍‌କର୍ ପରିବାର୍ ଲାଗି କୃତଜ୍ଞତା ଜନାବାର୍‌କେ ଉପରାଷ୍ଟ୍ରପତି ନିବେଦନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀ ରାଧାକ୍ରିଷ୍ଣନ୍ ତାଙ୍କର୍ ଗୁଟେ ମାସର୍ ଦର୍‌ମା ସଶସ୍ତ୍ର ବାହିନୀ ପାଣ୍ଠିକେ ଦାନ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଦିବସ୍‌ର ଶୁଭେଚ୍ଛା ଜନେଇଛନ୍ । ବୀରତାର୍ ସହେତେ ଦେଶ୍‌କେ ସୁରକ୍ଷା ଦଉଥିବା ଜବାନ୍ ମାନ୍‌କୁ ଶ୍ରୀ ମୋଦୀ କୃତଜ୍ଞତା ଜ୍ଞାପନ୍ କରିଛନ୍ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କାର୍ଯ୍ୟରତ ଆଉ ଅବସର ନେଇଥିବା ଯବାନ୍ ଆଉ ସେମାନ୍‌କର୍ ପରିବାର୍ ଲୁକ୍‌କୁ ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଦେଶର୍ ଅଖଣ୍ଡତା, ସର୍ବଭୌମତ୍ୱକେ ବଜାୟ ରଖିବାର୍ ଲାଗି ବୀର ସୈନିକ୍ ମାନ୍‌କର୍ ବଳିଦାନ୍ ଆଉ ତ୍ୟାଗ ସବୁବେଲେ ସୋର୍ ରହେବା । ଅପରେସନ୍ ସିନ୍ଦୁର୍ ସେମାନ୍‌କର୍ ସାହସ୍ ଆଉ ପ୍ରତିବଦ୍ଧତାର୍ ପ୍ରମାଣ୍ ଆଏ । ଇ ଅବ୍‌ସରେ ସବୁ ସେନାନୀ ମାନ୍‌କୁ ଶୁଭେଚ୍ଛା ଜନେଇକରି ସଶସ୍ତ୍ର ସେନା ପତାକା ଦିବସ୍ ପାଣ୍ଠିକେ ଖୁଲା ହାତେ ଦାନ୍ କର୍‌ବାର୍ ଲାଗି ଶ୍ରୀ ମାଝୀ ଆହ୍ୱାନ୍ ଦେଇଛନ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୀର୍ ଯବାନ୍ ମାନ୍‌କର୍ ସାହସ୍, ସୌର୍ଯ୍ୟ ଆଉ ବଳିଦାନ୍‌କେ ସମ୍ମାନ୍ ଜନେଇଛନ୍ ।

ଓଏସ୍ଏସ୍‌ଟିଇଟି ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ମାଧମିକ୍ ବିଦ୍ୟାଲୟ ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା-ଓଏସ୍ଏସ୍‌ଟିଇଟି ଆଏବା ଜାନୁଆରୀ ୨୦ ତାରିଖ୍ ଦିନ ହେବା । ଗଲାକାଏଲ୍‌ଠାନୁ ମୁଲ୍ ହେଇଥିବା ଆବେଦନ୍ ପ୍ରକ୍ରିୟା ଇ ମାସର୍ ୧୭ ତାରିଖ୍‌ତକ୍ ଚାଲ୍‌ବା । ଆଶାୟୀମାନେ ବୋର୍ଡ୍ ୱେବ୍‌ସାଇଟ୍‌ଥି ଅନ୍‌ଲାଇନ୍ ଜରିଏ ଫର୍ମ ଭରିପାର୍‌ବେ । ଜାନୁଆରୀ ୧୦ ତାରିଖ୍ ବୋର୍ଡ୍

ତର୍‌ଫୁ ଆବେଦନ୍‌କାରୀମାନ୍‌କୁ ଏଡ଼୍‌ମିଟ୍‌କାର୍ଡ଼୍ ଯୁଗେଇ ଦିଆଯିବା ବଲି ସୂଚ୍‌ନା ମିଲିଛେ ।

କୃଷି ଯନ୍ତ୍ରପାତି ମେଲା            ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ହେଇଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଲାକେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଉଦ୍‌ଘାଟନ୍ କରିଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ନୂଆଁ କୃଷି ନୀତି ଆଉ ଉନ୍ନତ୍ ଚାଷ୍ ଯନ୍ତ୍ରପାତି ବେଭାର୍‌କେ ତହଁକାବାର୍ ଲାଗି ଇ ମେଲା ଆୟୋଜନ୍ କରାଯାଇଛେ । ମନ୍‌ମୋହନ୍ ସ୍କୁଲ୍ ଖେଲ୍‌ପଡ଼ିଆ ନ ମୁଲ୍ ହେଇଥିବା ଇ ମେଲା ଆଏବା ୧୧ ତାରିଖ୍‌ତକ୍ ଚାଲ୍‌ବା । ସର୍‌କାରୀ ପ୍ରୋତ୍ସାହନ୍ ଜରିଏ ସବୁ ଚାଷୀ ଉପକୃତ ହେବେ ଆଉ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ଚାଷୀମାନ୍‌କର୍ କମାନିକେ ବଢ଼ାବାର୍ ଲାଗି ଭିନ୍ ଭିନ୍ ଯୋଜ୍‌ନା କାର୍ଯ୍ୟକାରୀ କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ଇ ଅବ୍‌ସରେ କହିଛନ୍ ।

ଖାଦ୍ୟଯୋଗାଣ ମନ୍ତ୍ରୀ- ନୂଆପଡ଼ା          ନୂଆପଡ଼ା ସମ୍ବାଦଦାତା

ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏଜ୍ ଦିନ୍‌କିଆ ନୂଆପଡ଼ା ଗସ୍ତଥି ଯାଇକରି ଭିନ୍ ଭିନ୍ ମଣ୍ଡି ବୁଲି ଦେଖିଛନ୍ । ଇ ଅବ୍‌ସରେ ମଣ୍ଡିର୍ ଉଦ୍‌ଘାଟନ୍ କରିଛନ୍ । ମନ୍ତ୍ରୀ ଶ୍ରୀ ପାତ୍ର ଉପର୍‌ବେଲା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ସମୀକ୍ଷା ବୈଠକ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଜିଲ୍ଲା ନ ଗଲାବଛର୍‌ନୁ ଇ ବଛର୍ ଚାଷୀ ପଞ୍ଜିକରଣ୍ ବଢ଼ିଥିବାର୍ ବୈଠକ୍‌ନୁ ସୂଚ୍‌ନା ମିଲିଛେ । ମଣ୍ଡି ମାନ୍‌କେ ଆନୁସଙ୍ଗିକ ବ୍ୟବସ୍ଥା ସହେତେ ଶାନ୍ତିଶୃଙ୍ଖଲାଥି ଧାନ୍ ଘିନାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ସ୍ୱତନ୍ତ୍ର ଟ୍ରେନ୍          ଆର୍‌ଏନ୍‌ୟୁ/ କଟକ୍

ଗୁଟେ ଘରୋଇ ବିମାନ୍ କମ୍ପାନୀର୍ ବହୁତ୍‌ଟେ ବିମାନ୍ ସେବା ବାତିଲ୍ ହେବାର୍ ଉତ୍‌ରୁ ଯାତ୍ରୀମାନେ ଭିନ୍ ଭିନ୍ ସମସ୍ୟାର୍ ସାମ୍ନା କରୁଛନ୍ । ଏନ୍ତା ଥିତିକେ ନଜର୍‌ଥି ରଖିକରି ରେଲ୍‌ବାଇ ତର୍‌ଫୁ ୮୯ ଟା ଖାସ୍ ଟ୍ରେନ୍ ଗଲାକାଏଲ୍‌ନୁ ଚଲାଚଲ୍ ମୁଲ୍ କରିଛେ । ଆଏବା ୩ ଦିନ୍ ଧରିକରି ଇ ଟ୍ରେନ୍ ଚଲାଚଲ୍ କର୍‌ବା । ମୁମ୍ବାଇ, ପୁନେ, ହାଓ୍ୱଡ଼ା, ହାଇଦ୍ରାବାଦ୍ ବାଗିର୍ ସହର୍ ମାନ୍‌କୁ ଯାତ୍ରୀ ପରିବହନ୍

ଠିକ୍‌ସେ ହେଇପାର୍‌ବା ବଲି ଆଶା କରାଯାଉଛେ । ବଢୁଥିବା ଯାତ୍ରୀ ଚାହିଦାକେ ନଜର୍‌ଥି ରଖିକରି ରେଲ୍‌ବାଇ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ ।

ଏଡ଼୍‌ସ୍ ସଚେତନତା କାର୍ଯ୍ୟକ୍ରମ      ବୌଦ୍ଧ ସମ୍ବାଦଦାତା

ଜାତୀୟ ଏଡ଼୍‌ସ୍ ନିୟନ୍ତ୍ରଣ୍ ସଂସ୍ଥା ଆଉ ବୌଦ୍ଧ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ବୀର୍ ନରସିଂହପୁରଠାନେ ଏଡ଼୍‌ସ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କୁ ଏଡ଼୍‌ସ୍‌ର ଭୟାବହତା, ଲକ୍ଷଣ୍ ଆଉ ତାର୍ ନିରାକରଣ୍ ବାବ୍‌ଦେ ପ୍ରଶିକ୍ଷଣ୍ ଦିଆଯାଇଥିଲା ।

ମହିଳା ଅଧିକାର୍ ସମ୍ମିଲନୀ      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍‌ସରା ଠାନେ ମହିଳା ଅଧିକାର୍ ସାମୁଖ୍ୟ ସମ୍ମିଲନୀ ହେଇଯାଇଛେ । ୧୫ ଟା ପଂଚାୟତ୍ ନ ମହିଳା ସର୍‌ପଂଚ୍, ନାଏବ୍ ସର୍‌ପଂଚ୍, ୱାର୍ଡ଼ ସଭ୍ୟାଙ୍କର୍ ସହେତେ ଅଲ୍‌ଗା ସଦସ୍ୟମାନେ ଇଥି ଭାଗ୍ ନେଇଥିଲେ । ମହିଳା ଅଧିକାର୍, ସମାଜ୍ ନ ଭାଗିଦାରୀତା, ରାଜନୈତିକ୍ କ୍ଷେତ୍ରଥି ସହଭାଗିତା ସହେତେ ଉନ୍ନତିଥି ମହିଳା

ଜନପ୍ରତିନିଧି ମାନ୍‌କର୍ ଭୂମିକା ବାବ୍‌ଦେ ଅତିଥି ମାନେ ଆଲୋଚନା କରିଥିଲେ ।

ବାରବାଟୀ ମେଚ୍        କଟକ୍ ସମ୍ବାଦଦାତା

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଭାରତ୍-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଂଟି କ୍ରିକେଟ୍ ଶୃଙ୍ଖଳାର୍ ପହେଲା ମେଚ୍ ଆଏବା ମଙ୍ଗଲ୍‌ବାର୍ ଦିନ ଖେଲାଯିବା । ଦୁହି ଦଲର୍ ସବୁ ଖେଲାଳି ଭୁବ୍‌ନେଶ୍ୱର୍ ନ ପୁହୁଁଚିସାରିଛନ୍ । ଷ୍ଟାଡ଼ିୟମ୍ ଠାନେ ଆଏବା କାଏଲ୍ ଦିନର୍ ସାଢ଼େ ୧୧ ବଜେ ଭାରତୀୟ ଦଲର୍ ଖେଲାଲିମାନେ ଅଭ୍ୟାସ୍ କର୍‌ବେ ବଲି ଓସିଏ ସଭାପତି ପଙ୍କଜ୍ ଲୋଚନ ମହାନ୍ତି କହିଛନ୍ ।

ଦକ୍ଷିଣ୍ ଆଫ୍ରିକା ଦଲ୍ ସେମାନ୍‌କର୍ ଅଭ୍ୟାସ୍ କର୍‌ବେ । ଇଥିର୍‌ଲାଗି ୨ ଟା ଗେଲେରୀ ଖୁଲାରହେବା । ଆଏଜ୍ ଭାରତୀୟ ଦଲର୍ ଖେଲାଲି ହାର୍ଦ୍ଦିକ୍ ପାଣ୍ଡିଆ ବାରବାଟି ନ ଅଭ୍ୟାସ୍ ଲାଗି ପୁହୁଁଚିଛନ୍ । ଦର୍ଶକ୍ ନାଇଁଥାଇକରି ନେଟ୍ ବୋଲର୍‌ଙ୍କର୍ ସାଙ୍ଗେ ସେ ଇ ଅଭ୍ୟାସ୍ କର୍‌ବେ ବଲି ଜନାପଡ଼ିଛେ । ଟି-ଟ୍ୱେଂଟି ମେଚ୍ ଲାଗି ୬ ଟା ଜାଗା ନ ପାର୍କିଂ ବ୍ୟବସ୍ଥା କରାଯାଇଛେ । ସୁରକ୍ଷା ବ୍ୟବସ୍ଥା ଲାଗି ୫୦ ପ୍ଲାଟୁନ୍ ଫୋର୍ସ ଆଉ ୩ ଶହ ଝନ୍

ଅଫିସରଙ୍କୁ ଲଗାଯାଇଛେ ବଲି ପୁଲିସ୍ କମିଶନର୍ ଏସ୍. ଦେବଦତ ସିଂ କହିଛନ୍ ।

(ଭଏସ୍ ଓଭର୍- ଏସ୍. ଦେବଦତ)